بسم الله الرحمن الرحيم

**ଖୁତବା ଜୁମା ୫ ଜୁନ୍ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ୍ ସୁହୈବ୍ ବିନ୍ ସନାନ୍ ର.ଅ ଓ ହଜ୍‌ରତ୍ ସାଆଦ୍ ବିନ୍ ରବି ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଆଜି ମୁଁ ପୁଣି ବଦରୀ ସାହାବାମାନଙ୍କର ଚର୍ଚ୍ଚା କରିବି । ତନ୍ମଧ୍ୟରୁ ଯାହାଙ୍କର ପ୍ରଥମେ ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ସୁହୈବ୍ ବିନ୍ ସନାନ୍ ର.ଅ । ହଜ଼ରତ୍ ସୁହୈବ ର.ଅଙ୍କ ପିତାଙ୍କ ନାମ ସନାନ୍ ବିନ୍ ମାଲିକ୍ ଓ ମାତାଙ୍କ ନାମ ସଲ୍‌ମା ବିନ୍ କ଼ଇଦ୍ ଥିଲା । ହଜ଼ରତ୍ ସୁହୈବ୍ ର.ଅଙ୍କ ଜନ୍ମଭୂମି ମୌସୁଲ୍ ଥିଲା ।

ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ହଜ଼ରତ୍ ସୁହୈବ୍ ର.ଅଙ୍କ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ସୁହୈବ୍ ନାମକ ଜଣେ ଦାସ ଥିଲେ ଯିଏ କି ରୋମ୍‌ରୁ ଧରା ହୋଇ ଆସିଥିଲେ । ସେ ଅବଦୁଲ୍ଲାଃ ବିନ୍ ଜଦ୍‌ଆନଙ୍କର ଦାସ ଥିଲେ । ଯିଏ ହଜ଼ରତ୍ ସୁହୈବ୍ ର.ଅଙ୍କୁ ସ୍ୱାଧୀନ କରି ଦେଇଥିଲେ । ସେ (ଅର୍ଥାତ୍ ସୁହୈବ୍ ର.ଅ) ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ଉପରେ ବିଶ୍ୱାସ ଆଣିଥିଲେ ଏବଂ ଆଁହଜ଼ରତ୍ ସ.ଅଙ୍କ ପାଇଁ ନାନା ପ୍ରକାରର ଦୁଃଖଯନ୍ତ୍ରଣା ଏବଂ ନିର୍ଯାତନା ସହ୍ୟ କରିଥିଲେ ।

ହଜ଼ରତ୍ ଅମ୍ମାର ର.ଅ ଓ ହଜ଼ରତ୍ ସୁହୈବ୍ ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ହଜ଼ରତ୍ ଅନସ୍ ର.ଅ ବର୍ଣ୍ଣନା କଲେ ଯେ, ରସୁଲୁଲ୍ଲାଃ ସ.ଅ କହିଲେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବାରେ ନିଜ ଜାତି ଭାଇଙ୍କ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବା ବ୍ୟକ୍ତି ଚାରି ଜଣ ଅଟନ୍ତି । ଆପଣ କହିଲେ ଆରବମାନଙ୍କ ମଧ୍ୟରେ ଏହି ବିନୀତ ପ୍ରଥମ । ରୋମୀମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସୁହୈବ୍ । ପାର୍ସିମାନଙ୍କ ମଧ୍ୟରେ ସଲ୍‌ମାନ୍ ଓ ହବ୍‌ଶୀମାନଙ୍କ ମଧ୍ୟରେ ହଜ଼ରତ୍ ବିଲାଲ୍ ର.ଅ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ହଜ଼ରତ୍ ସୁହୈବ୍ ର.ଅଙ୍କ ମଦିନା ପ୍ରବାସର ବୃତ୍ତାନ୍ତ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ସୁହୈବ୍ ର.ଅ ପ୍ରବାସ ପାଇଁ ବାହାରିଲେ ସେତେବେଳେ ମକ୍କାର ଲୋକମାନେ ତାଙ୍କୁ ଅଟକାଇଲେ । ପ୍ରତିବଦଳରେ ସେ ନିଜର ସମସ୍ତ ଧନ ସେମାନଙ୍କୁ ହସ୍ତାନ୍ତର କରି ଦେଇଥିଲେ ଏବଂ ଶୂନ୍ୟହସ୍ତ ଆଁହଜ଼ରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଥିଲେ । ହୁଜୁର୍ ସ.ଅ କହିଲେ ସୁହୈବ୍ ତୁମର ଏହି ଚୁକ୍ତି ସମସ୍ତ ଚୁକ୍ତି ମଧ୍ୟରୁ ଫଳପ୍ରଦ ସାବ୍ୟସ୍ତ ହେଲା । ଅର୍ଥାତ୍ ପ୍ରଥମେ ତୁମେ ଜିନିଷ

ବିନିମୟରେ ବା ବଦଳରେ ଟଙ୍କା ପ୍ରାପ୍ତ କରୁଥିଲ କିନ୍ତୁ ଆଜି ଟଙ୍କା ବଦଳରେ ତୁମେ ବିଶ୍ୱାସ ପ୍ରାପ୍ତ କରି ନେଇଛ ।

ହଜ଼ରତ୍ ସୁହୈବ୍ ବର୍ଣ୍ଣନା କରନ୍ତି ଯେ, ଯେଉଁ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସାମିଲ୍ ହୋଇଥିଲେ ସେହି ଯୁଦ୍ଧରେ ମୁଁ ମଧ୍ୟ ଉପସ୍ଥିତ ଥିଲି । ହୁଜ଼ୁର୍ ସ.ଅ ଯେଉଁ ବୈଅତ୍ ବି ନେଇଥିଲେ ମୁଁ ସେହି ବୈଅତ୍‌ରେ ଉପସ୍ଥିତ ଥିଲି । ହୁଜ଼ୁର ସ.ଅ ଯେଉଁ ସରିୟା (ଅର୍ଥାତ୍ ସେହି ଯୁଦ୍ଧ ଯେଉଁ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସାମିଲ୍ ହୋଇ ନଥିଲ) ପ୍ରେରଣ କରିଥିଲେ ମୁଁ ସେହି ସରିୟାରେ ସାମିଲ୍ ଥିଲି ଏବଂ ଆଁହଜ଼ରତ୍ ସ.ଅ ଯେଉଁ ଯୁଦ୍ଧ ପାଇଁ ବି ବାହାରି ଥିଲେ ମୁଁ ଆପଣ ସ.ଅଙ୍କ ସହିତ ସାମିଲ୍ ଥିଲି । ମୁଁ କେବେହେଲେ ଆଁହଜ଼ରତ୍ ସ.ଅଙ୍କୁ ଶତ୍ରୁଙ୍କ ଏବଂ ନିଜ ମଧ୍ୟରେ ଆସିବାକୁ ଦେଇ ନାହିଁ ଏପରି କି ହୁଜ଼ୁର୍ ସ.ଅଙ୍କର ବିୟୋଗ ହୋଇ ଯାଇଥିଲା । ହଜ଼ରତ୍ ସୁହୈବ୍ ର.ଅ ଲୋକମାନଙ୍କୁ ଏକତ୍ରିତ କରି ଅତ୍ୟନ୍ତ କୌତୁହଳର ସହିତ ନିଜର ଯୁଦ୍ଧ ଉପଲବ୍ଧିର ମନମୁଗ୍ଧକର ଘଟଣା ଶୁଣାଉଥିଲେ ।

ହଜ଼ରତ୍ ଉମର୍ ର.ଅ ହଜ଼ରତ୍ ସୁହୈବ୍ ର.ଅଙ୍କୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କ ସମ୍ବନ୍ଧରେ ଉଚ୍ଚ ଚିନ୍ତାଧାର ରଖୁଥିଲେ । ଏପର୍ଯ୍ୟନ୍ତ କି ଯେତେବେଳେ ହଜ଼ରତ୍ ଉମର୍ ର.ଅ ଆହତ ହୋଇଥିଲେ ସେତେବେଳେ ହଜ଼ରତ୍ ଉମର୍ ର.ଅ ୱସିୟତ୍ କଲେ ଯେ, ମୋର ନମାଜ୍ ଯନାଯାଃ ସୁହୈବ୍ ପଢେଇବେ ଏବଂ ତିନି ଦିନ ପର୍ଯ୍ୟନ୍ତ ମୁସଲମାନମାନଙ୍କର ଇମାମତ୍ୱ କରେଇବେ । ଏପର୍ଯ୍ୟନ୍ତକି ଏହଲେ ଶୁରା (ପରାମର୍ଶଦାତାମାନେ) ବିଭାଗ ମୁସଲମାନମାନଙ୍କ ମଧ୍ୟରୁ ଜଣକୁ ନିଜର ଖଲିଫା ଚୟନ କରିବାରେ ଏକମତ ହୋଇନାହାନ୍ତି । ସେପର୍ଯ୍ୟନ୍ତ ସେ ମୁସଲମାନମାନଙ୍କର ଇମାମତ୍ କରିବେ । ହଜ଼ରତ୍ ସୁହୈବ୍ ର.ଅ ଶୱାଲ୍ ମାସ ୩୮ ହିଜ୍‌ରୀରେ ମୃତ୍ୟବରଣ କରିଥିଲେ । ଅନ୍ୟ କେତେକଙ୍କ ନିକଟରେ ତାଙ୍କର ବିୟୋଗ ୩୯ ହିଜ୍‌ରୀରେ ହୋଇଥିଲା । ମୃତ୍ୟୁବେଳ ତାଙ୍କୁ ୭୩ ବର୍ଷ ହୋଇଥିଲା । ତାଙ୍କୁ ମଦିନାରେ କବର ଦିଆଯାଇଥିଲା ।

ହୁଜ଼ୁର୍ ଅନୱର୍ ର.ଅ କହିଲେ ପରବର୍ତ୍ତୀ ସାହାବି ଯାହାଙ୍କର ଚର୍ଚ୍ଚା ହେବ ସେ ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ରବି ର.ଅ । ତାଙ୍କ ପିତାଙ୍କ ନାମ ରବି ବିନ୍ ଅମ୍ର ଏବଂ ମାତାଙ୍କ ନାମ ହଜ଼ିଲା ବିନ୍‌ତ୍ ଇନବା ଥିଲା । ହଜ଼ରତ୍ ସାଆଦ୍ ର.ଅ ନିରକ୍ଷର ଯୁଗରେ ମଧ୍ୟ ଲେଖାପଢା ଜାଣିଥିଲେ । ସେ ବନୁ ହାରିସ୍ ସଂପ୍ରଦାୟର ଘୋଷକ ଥିଲେ ଏବଂ ବୈଅତେ ଅକ଼ବା ଉଲା ଓ ସାନିୟାରେ ସାମିଲ୍ ଥିଲେ ।

ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା କରିଛନ୍ତି । ହୁଜ଼ୁର୍ ର.ଅ ନିଜସ୍ୱ ଶବ୍ଦରେ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଓହୋଦ୍ ଯୁଦ୍ଧର ଏକ ଘଟଣା ଯେ, ଯୁଦ୍ଧ ପରେ ଆଁହଜ଼ରତ ସ.ଅ ହଜ଼ରତ ଉବୈ ବିନ୍ କାଆବ୍ ର.ଅଙ୍କୁ କହିଲେ ଯେ, ଯାଅ ଏବଂ ଆହତ ଲୋକଙ୍କୁ ଯାଇ ଦେଖ ! ସେ ଆହତ ଲୋକମାନଙ୍କୁ ଦେଖୁ ଦେଖୁ ହଜ଼ରତ ସାଆଦ୍ ବିନ୍ ରବି ର.ଅଙ୍କ ନିକଟରେ ପହଞ୍ଚିଲେ ଯିଏକି ଗମ୍ଭୀର ଭାବରେ ଆହତ ହୋଇଥିଲେ । ସେ ଶେଷ ନିଃଶ୍ୱାସ ତ୍ୟାଗ କରୁଥିଲେ । ଉବୈ ବିନ୍ କାଆବ୍ କହିଲେ କି ଆପଣ ଯଦି ନିଜର ସଂପର୍କୀୟ ଏବଂ ପରିଜନମାନଙ୍କୁ କିଛି ବାର୍ତ୍ତା ଦେବାକୁ ଚାହୁଁଛନ୍ତି ତେବେ ମୋତେ କୁହନ୍ତୁ । ହଜ଼ରତ୍ ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା କରି ସାରିବା

ପରେ କହିଲେ ଯେ, ଦେଖ ! ଏଭଳି ପରିସ୍ଥିତିରେ ଯେତେବେଳେ ମନୁଷ୍ୟର ପ୍ରାଣ ବାୟୁ ଉଡ଼ିବାକୁ ବସିଥାଏ ସେତେବେଳେ ମନୁଷ୍ୟ ମନରେ କେତେ କେତେ ଚିନ୍ତାଧାର ଉଦ୍ରେକ ହୋଇଥାଏ । ସେ ଭାବେ ଯେ, ମୋ ସ୍ତ୍ରୀର କ'ଣ ଅବସ୍ଥା ହେବ, ମୋ ସନ୍ତାନଙ୍କୁ କିଏ ପାଚାରିବ ? କିନ୍ତୁ ଏହି ସାହାବି ଜଣକ ଏପରି କୌଣସି ବାର୍ତ୍ତା ଦେଲେ ନାହିଁ । ମାତ୍ର ଏତିକି କହିଲେ କି ଆମେମାନେ ଆଁହଜ଼ରତ୍ ସ.ଅଙ୍କର ସୁରକ୍ଷା କରୁ କରୁ ଇହଧାମରୁ ବାହୁଡ଼ି ଯାଉଛୁ । ତେଣୁ ତୁମେମାନେ ମଧ୍ୟ ଏହି ମାର୍ଗରେ ଆମମାନଙ୍କର ପଦାଙ୍କ ଅନୁସରଣ କର । ସବୁଠୁ ବଡ଼ ମହତ୍ କାର୍ଯ୍ୟ ହେଉଛି ଯେ, ଆଁହଜ଼ରତ୍ ସ.ଅଙ୍କର ସୁରକ୍ଷା କରିବା । ମୁସ୍ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ, ସେହି ସାହାବାମାନଙ୍କ ଭିତରେ ଏହିଭଳି ଆତ୍ମ ବିଶ୍ୱାସର ଶକ୍ତି ବିଦ୍ୟମାନ ରହିଥିଲା, ଯେଉଁ ଶକ୍ତି ମାଧ୍ୟମରେ ସେ ସମଗ୍ର ବିଶ୍ୱକୁ ଓଲଟ ପାଲଟ କରି ଦେଇଥିଲେ ଏବଂ କୈସର୍ ଏବଂ କିସ୍ରା (ରୋମ୍‌ର ଏବଂ ଇରାନ୍‌ର ମହାରାଜା)ଙ୍କୁ ଗାଦିଚ୍ୟୁତ କରାଇଥିଲେ ।

ହଜ଼ରତ୍ ସାଆଦ୍ ବିନ୍ ରବି ର.ଅ ବଦର୍ ଯୁଦ୍ଧ ଏବଂ ଓ୍ୱହୋଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ଓ୍ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ତାଙ୍କ ବିୟୋଗ ପରେ ଆଁହଜ଼ରତ ସ.ଅ କହିଲେ ହେ ଅଲ୍ଲାଃ ! ସାଆଦ୍ ବିନ୍ ରବି ର.ଅଙ୍କ ଉପରେ ଦୟାବତୀର୍ଣ୍ଣ କର । ସେ ଜୀବିତାବସ୍ଥାରେ ଏବଂ ମୃତ୍ୟୁ ପରେ ମଧ୍ୟ ଅଲ୍ଲାଃତାଲା ଓ ରସୁଲୁଲ୍ଲାଃ ସ.ଅଙ୍କର ଶୁଭଚିନ୍ତକ ଥିଲେ । ହଜ଼ରତ୍ ସାଆଦ୍ ବିନ୍ ରବି ଓ ହଜ଼ରତ୍ ଖାରଜା ର.ଅଙ୍କୁ ଗୋଟିଏ କବରରେ ହିଁ କବର ଦିଆଯାଇଥିଲା ।

ହଜ଼ରତ୍ ଜାବିର୍ ବିନ୍ ଅବଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ୍ ସାଆଦ୍ ବିନ୍ ରବି ର.ଅଙ୍କ ପତ୍ନୀ ନିଜର ଦୁଇ ପୁତ୍ରଙ୍କ ସଙ୍ଗେ ଆଁହଜ଼ରତ ସ.ଅଙ୍କ ପାଖକୁ ଆସିଲେ ଏବଂ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଏହି ଦୁଇଜଣ ହେଉଛନ୍ତି ସାଆଦ୍ ବିନ୍ ରବି ର.ଅଙ୍କ ସୁପୁତ୍ରୀ ଯାହାଙ୍କ ପିତା ଓ୍ୱହୋଦ୍ ଯୁଦ୍ଧରେ ଲଢି ଲଢି ବୀରଗତି ପ୍ରାପ୍ତ କରିଥିଲେ ଏବଂ ତାଙ୍କର ଚଚା ତାଙ୍କର ଧନସମ୍ପତ୍ତିକୁ ନିଜ ଅଧୀନସ୍ଥ କରି ନେଇଛନ୍ତି । ଅର୍ଥାତ୍ ତାଙ୍କର ସମସ୍ତ ସମ୍ପତ୍ତିକୁ ସାଆଦ୍ ର.ଅଙ୍କ ଭାଇ ହାତେଇ ନେଇଛନ୍ତି ଏବଂ ସ୍ୱର୍ଗତ ସାଆଦ୍ ର.ଅଙ୍କର ପୁତ୍ରୀମାନଙ୍କୁ କିଛି ମିଳିଲା ନାହିଁ ଏବଂ ସାଆଦ୍ ର.ଅ ସେମାନଙ୍କ ପାଇଁ କିଛି ଅର୍ଥ ଛାଡ଼ି ନାହାନ୍ତି ହୁଜୁର୍ ସ.ଅ କହିଲେ ଅଲ୍ଲାଃତାଲା ଏ ସଂକ୍ରାନ୍ତରେ ବିଚାର କରିବେ । ସୁତରାଂ ତତ୍‌ସଂକ୍ରାନ୍ତୀୟ ଉତ୍ତରାଧିକାରୀ ସମ୍ବଳିତ ଆୟତ ଅବତୀର୍ଣ୍ଣ ହେଲା । ହୁଜୁର୍ ସ.ଅ ଉଭୟଙ୍କ ଚଚାଙ୍କୁ ଡ଼ାକାଇଲେ ଏବଂ କହିଲେ କି ସାଆଦ୍ ର.ଅଙ୍କର ପୁତ୍ରୀଙ୍କୁ ସାଆଦ୍ ର.ଅଙ୍କ ସମ୍ପତିରୁ ତୃତୀୟ ଭାଗ ଦିଅ ଏବଂ ପୁତ୍ରୀଙ୍କ ମାତାଙ୍କୁ ଅଷ୍ଟମାଂଶ (ଭାଗ) ଦିଅ ଏବଂ ଯାହା ବଳିଯିବ ତାହା ତୁମର ଅଟେ ।

ହଜ଼ରତ୍ ମିର୍ଜ୍ଜା ବଶୀର୍ ଅହେମଦ୍ ସାହେବ୍ ଉକ୍ତ ଘଟଣା ସଂପର୍କରେ ଉଲ୍ଲେଖ କରନ୍ତି ଯେ, ବିଶ୍ୱ ଇତିହାସରେ ଆଁହଜ଼ରତ୍ ସ.ଅଙ୍କ ପୂର୍ବରୁ କିମ୍ବା ଆଁହଜ଼ରତ୍ ସ.ଅଙ୍କ ପରେ କୌଣସି ଏଭଳି ବ୍ୟକ୍ତି ହୋଇ ନାହିଁ ଯିଏ ମହିଳାମାନଙ୍କର ଅଧିକାରକୁ ଏଭଳି ଭାବରେ ସୁରକ୍ଷା ପ୍ରଦାନ କରିଥିବେ ଯେଉଁଭଳି ଆଁହଜ଼ରତ୍ ସ.ଅ ଦେଇଛନ୍ତି । ସୁତରାଂ ପୈତୃକ ସମ୍ପତ୍ତିରେ, ବିବାହ ଅନୁଷ୍ଠାନରେ, ଦମ୍ପତିଙ୍କ ପାରସ୍ପରିକ ସଂପର୍କରେ, ତଲାକ୍ (ବିବହା ବିଚ୍ଛେଦ)ରେ, ନିଜର ବ୍ୟକ୍ତିଗତ ସମ୍ପତ୍ତି କରିବାରେ ଏବଂ ସମ୍ପତ୍ତିର ବ୍ୟବହାର କରିବା କ୍ଷେତ୍ରରେ ଶିକ୍ଷାଧିକାରରେ, ସନ୍ତାନମାନଙ୍କ ପିତୃତ୍ୱ ଏବଂ ସଂସ୍କାରତ୍ୱର ଅଧିକାରରେ, ଜାତୀୟ ତଥା

ରାଷ୍ଟ୍ରୀୟ ପ୍ରସଙ୍ଗରେ ଭାଗୀଦାର ହେବାର ଅଧିକାର ପ୍ରତି, ବ୍ୟକ୍ତିର ସ୍ୱାଧୀନତା ପ୍ରସଙ୍ଗରେ ଧାର୍ମିକ ଅଧିକାର ଏବଂ ଦାୟିତ୍ୱରେ । ମୋଟ୍ ଉପରେ କହିବାକୁ ଗଲେ ଧାର୍ମିକ ଏବଂ ସାଂସାରିକ ପ୍ରତ୍ୟେକ କ୍ଷେତ୍ରରେ ଯହିଁରେ ନାରୀ ପାଦ ରଖିପାରିବ, ଆଁହଜ଼ରତ ସ.ଅ ସେହି ସମସ୍ତ ବାଧ୍ୟତାମୂଳକ ଅଧିକାରକୁ ସ୍ୱୀକାର କରିଛନ୍ତି ଏବଂ ତାହାର ଅର୍ଥାତ୍ ନାରୀ ଅଧିକାରର ସୁରକ୍ଷାକୁ ନିଜ ସଂପ୍ରଦାୟ ନିମନ୍ତେ ଏକ ପବିତ୍ର ଏବଂ ବିଧେୟ ସନ୍ତକ ରୂପେ ବିବେଚିତ କରିଛନ୍ତି । ଏହା ହିଁ ସେହି କାରଣ ଯାହା ଯୋଗୁଁ ଆରବର ମହିଳାମାନେ ଆଁହଜ଼ରତ ସ.ଅଙ୍କର ଆବିର୍ଭୂତକୁ ନିଜ ନିମନ୍ତେ ମୁକ୍ତି ତଥା ମୋକ୍ଷର ଏକ ବାର୍ତ୍ତା ବୋଲି ମନେ କରନ୍ତି । ନିଃସନ୍ଦେହ ରୂପେ ଆଁହଜ଼ରତ୍ ସ.ଅଙ୍କ ଏହି ପ୍ରିୟ ବଚନ ଏକ ଜ୍ଞାନଗର୍ଭକ ଏବଂ ଗହ୍ୱର ସତ୍ୟତା ଉପରେ ଆଧାରିତ କି ? **ହୁବ୍‌ବିୟା ଇଲୈୟା ମିନ୍ ଦୁନିୟାକୁମ୍ ୱ ଦୁନିୟାକୁମ୍ ନିସାଇ ୱତ୍ ତୟିବୁ ୱ ଜୁଇଲତ୍ କୁର୍‌ରତୁ ଐନି ଫି ସଲାତ୍** ଅର୍ଥାତ୍ ସଂସାରର ବସ୍ତୁ ମଧ୍ୟରୁ ମୋର ସ୍ୱଭାବକୁ ଯେଉଁ ଜିନିଷ ବା ବସ୍ତୁରେ ପ୍ରେମର ସ୍ୱଭାବମୂଳକ ପରିବର୍ତ୍ତନ ଦିଆଯାଇଛି ତାହା ଯଥାକ୍ରମେ- ନାରୀ ଓ ସୁଗନ୍ଧ । କିନ୍ତୁ ମୋ ଚକ୍ଷୁର ପ୍ରକୃତ ଶୀତଳତା ନମାଜ୍ ଅଟେ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ଉପାସନାରେ ହିଁ ମୋର ଆତ୍ମତୃପ୍ତି । ଅଲ୍ଲାଃ କରନ୍ତୁ କି ସଂସାର ଏହି ବାସ୍ତବତାକୁ ହୃଦୟଙ୍ଗମ କରି ତ୍ରୁଟି ଏବଂ ଉପଦ୍ରବଗୁଡ଼ିକ ଠାରୁ ସୁରକ୍ଷିତ ରହୁ ଏବଂ ଆମର ମହିଳାମାନେ ମଧ୍ୟ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତୁ । ତେଣୁ ସେମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ ଏବଂ ଇସ୍‌ଲାମ୍ ନାରୀମାନଙ୍କୁ ଯେଉଁ ଅଧିକାରୀ ଦେଇଛି ତାହାକୁ ହୃଦୟଙ୍ଗମ କରନ୍ତୁ । କାରଣ ଇସ୍‌ଲାମ୍ ବ୍ୟତୀତ ନାରୀମାନଙ୍କୁ ଏହିପରି ଅଧିକାର ଏବଂ ସ୍ୱାଧୀନତା ନା କୌଣସି ଧର୍ମ ଦେଇଛି ନା ଦେବ ଓ ନା ହିଁ ନାମକୁ ମାତ୍ର ନାରୀମାନଙ୍କ ଅଧିକାର ପ୍ରତି ଉଜ୍ଜ୍ୱଳ ଚିନ୍ତାଧାରା ରଖୁଥିବା ଅନୁଷ୍ଠାନଗୁଡ଼ିକ ଏଭଳି ସ୍ୱାଧୀନତା ତଥା ଅଧିକାର ପ୍ରଦାନ କରିଛି କିମ୍ବା ବିପ୍ଳବ ଆଣିଛି । ଅଲ୍ଲାଃତାଲା ପୁରୁଷମାନଙ୍କୁ ମଧ୍ୟ ନାରୀମାନଙ୍କର କର୍ତ୍ତବ୍ୟ ସମ୍ପାଦନ ପ୍ରତି ଇସ୍‌ଲାମୀୟ ଶିକ୍ଷାନୁଯାୟୀ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେପରି ଆମର ଏହି ସମାଜ ଶାନ୍ତିପୂର୍ଣ୍ଣ ସମାଜରେ ପାଲଟି ଯାଉ ।

ଏହାପରେ ମୁଁ ସଂକ୍ଷିପ୍ତ ଭାବରେ ସାଂପ୍ରତିକ ପରିସ୍ଥିତ ପାଇଁ ମଧ୍ୟ ଦୁଆ କରିବା ପାଇଁ କହିବାକୁ ଚାହୁଁଛି ଯେ, ଯେଉଁଠି ଅଲ୍ଲାଃତାଲା ଏହି ସଂକ୍ରାମକ ଜନିତ କରୋନା ରୋଗରୁ ପୃଥିବୀକୁ ପବିତ୍ର କରନ୍ତୁ ସେଠାରେ ମନୁଷ୍ୟକୁ ମଧ୍ୟ ଏହି ସଦ୍‌ବୁଦ୍ଧି ଦିଅନ୍ତୁ ଯେ, ମନୁଷ୍ୟର ସ୍ଥାୟୀତ୍ୱ ଅଲ୍ଲାଃତାଲାଙ୍କ ଆଗରେ ନତମସ୍ତକ ହେବା ଏବଂ ପରସ୍ପରର ଅଧିକାର ସମ୍ପାଦନ ଉପରେ ହିଁ ନିର୍ଭରଶୀଳ ଅଟେ । ନିଜର ବଳିଦାନ ଦେଇ ସଂସାରରୁ ଉପଦ୍ରବ ତଥା କଳହକୁ ସମାପ୍ତ କରିବାରେ ହିଁ ମନୁଷ୍ୟର ସ୍ଥାୟୀତ୍ୱ ରହିଛି । ଅଲ୍ଲାଃତାଲା ସରକାରଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଯେ, ସେମାନେ ନ୍ୟାୟ ଉପରେ ଆଧାରିତ ଶାସନ କାର୍ଯ୍ୟ ପରିଚାଳନା କରନ୍ତୁ । ଆମେରିକାରେ ମଧ୍ୟ ଆଜିକାଲି ବିକ୍ଷୋଭକାରୀମାନେ ବିକ୍ଷୋଭ ପ୍ରଦର୍ଶନ କରି ଯେଉଁ ଅଶାନ୍ତିର ବାତାବରଣ ସୃଷ୍ଟି କରିଛନ୍ତି ଅଲ୍ଲାଃତାଲା ସେହି ପରିବେଶରୁ ବିଶେଷ କରି ପ୍ରତ୍ୟେକ ଅହେମଦିମାନଙ୍କୁ ତାହାର କୁପ୍ରଭାବରୁ ସୁରକ୍ଷିତ ରଖନ୍ତୁ । ସେ ଯାହା ହେଉ ନା କାହିଁକି ଦେଶର ଆଇନକୁ ମଧ୍ୟ ବୁଝି ନେବା ଉଚିତ୍ । ଏହିସବୁ ଯେଉଁ ଉପଦ୍ରବ ଘଟୁଛି ତାହାର ତନାଜୁର (ପ୍ରକାଶରେ) ବଳ ପ୍ରୟୋଗ କରି କୌଣସି ସମସ୍ୟାର ସମାଧାନ ହୋଇ ନଥାଏ ଏବଂ ନା ହିଁ ବଳ ପ୍ରୟୋଗ କୌଣସି ସମସ୍ୟାର ସମାଧାନ ଅଟେ ।

ବରଂ ନ୍ୟାୟପ୍ରିୟ ହୋଇ ସମସ୍ତ ନାଗରିକମାନଙ୍କର ଅଧିକାର ସମ୍ପାଦନ କରିବା ସଙ୍ଗେ ସଙ୍ଗେ ପ୍ରଶାସନିକ ସେବା କାର୍ଯ୍ୟକ୍ଷମ ହୋଇଥାଏ। ଦେଶରେ ଶାନ୍ତି ଏବଂ ସଦ୍‌ଭାବନା ସ୍ଥାପନ ହୋଇପାରିବ । ନହେଲେ ଏହା ବିନା ଅନ୍ୟଗତି ନାହିଁ । ଯେତେ ଶକ୍ତିଶାଳୀ ରାଷ୍ଟ୍ର ହେଉ ପଛେ ଯଦି ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ରହିଛି ତେବେ କୌଣସି ଦେଶ ଗଣତନ୍ତ୍ର ସମ୍ମୁଖରେ ତିଷ୍ଠି ପାରିବ ନାହିଁ । ସେ ଯାହାହେଉ ନା କାହିଁକି ଯେଉଁ ଯେଉଁଠି ଉପଦ୍ରବ ରହିଛି ସେହି ସମସ୍ତ ସ୍ଥାନରୁ ଅଲ୍ଲାଃତାଲା ଉପଦ୍ରବକୁ ଦୂର କରନ୍ତୁ ଏବଂ ସରକାର ଜନସାଧାରଣଙ୍କ ଅଧିକାର ସମ୍ପାଦନକାରୀ ରୂପେ ବିବେଚିତ ହେଉ ଏବଂ ଜନସାଧାରଣ ନିଜ ଉଚିତ୍ ଅଧିକାର ପାଇଁ ଉଚିତ୍ ସୀମା ପର୍ଯ୍ୟନ୍ତ ପ୍ରଶାସନ ଉପରେ ଚାପ ପକାନ୍ତୁ ।

ସେହିପରି ପାକିସ୍ତାନର ସରକାରକୁ ମଧ୍ୟ ଚିନ୍ତା କରିବା ଉଚିତ୍ ଯେ, କେବଳ ମୌଲବୀମାନଙ୍କ ଭୟରେ ଅହେମଦିମାନଙ୍କ ଉପରେ ଆଜିକାଲି ଯେଉଁ ବର୍ବରତା ଏବଂ ଅତ୍ୟାଚାର ବଢି ଚାଲିଛି ସେଥିରୁ ସେମାନେ ନିବୃତ୍ତ ରୁହନ୍ତୁ । ବରଂ ନ୍ୟାୟପ୍ରିୟ ହୋଇ ସରକାର ଚଳାନ୍ତୁ ଏବଂ ନିଜର ଇତିହାସରୁ ଶିକ୍ଷା ନିଅନ୍ତୁ । ଅହେମଦିୟତ୍ ପ୍ରସଙ୍ଗକୁ କେନ୍ଦ୍ର କରି କିମ୍ବା ଅହେମଦିୟତ୍‌କୁ ଇଶୁ କରି ଅନ୍ୟାୟ କରି ନା କୌଣସି ପୂର୍ବ ସରକାର ତିଷ୍ଠି ରହିଛି ନା ହିଁ ଆଗାମୀ ରହି ପାରିବ । ଏଣୁ ଉକ୍ତ ଚିନ୍ତାଧାରାକୁ ପରିତ୍ୟାଗ କରି ଦିଅନ୍ତୁ ଯେ, ଉକ୍ତ ଇଶୁକୁ ଦୀର୍ଘ କରିପାରିବେ । ହଁ ସେହି ଅତ୍ୟାଚାର ଫଳରେ ଦୁନିଆରେ ପୂର୍ବାପେକ୍ଷା ଅଧିକ ଅହେମଦିୟତ୍‌ର ଉନ୍ନତି ଘଟିଛି ଏବଂ ଘଟି ଚାଲିଥିବ ଇନ୍‌ଶାଅଲ୍ଲାଃ । ଏହା ତ' ଅଲ୍ଲାଃତାଲାଙ୍କ କାର୍ଯ୍ୟ ଅଟେ ଏବଂ ତାହାଙ୍କୁ କେହି ଅଟକାଇ ପାରିବ ନାହିଁ ବା ଅବରୋଧ କରିପାରିବ ନାହିଁ । ସେ ଯାହା ହେଉ ନା କାହିଁକି ଆମର ଦୁଆ ଏହି କି ଯେ, ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥାନରେ ଅନ୍ୟାୟ, ଅତ୍ୟାଚାର ତଥା ଉପଦ୍ରବକୁ ଦୂର କରନ୍ତୁ ଏବଂ ଆଜିକାଲି ଏହି ଯେଉଁ ସଂକ୍ରାମକ ରୋଗ ବ୍ୟାପିଛି ତହିଁରୁ ମନୁଷ୍ୟ ଶିକ୍ଷା ନେଇ ନିଜ ଅବସ୍ଥାରେ ପରିବର୍ତ୍ତନ ଆଣୁ ଏବଂ ଆମେମାନେ ପୂର୍ବାପେକ୍ଷା ଅଧିକ ଅଲ୍ଲାଃତାଲାଙ୍କର ଉପାସନାର କର୍ତ୍ତବ୍ୟ ସମ୍ପାଦନ ଏବଂ ତାହାଙ୍କ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । କାରଣ ଆମେମାନେ ଅଧିକରୁ ଅଧିକ ଅଲ୍ଲାଃତାଲାଙ୍କର ପ୍ରେମ ପ୍ରାପ୍ତକାରୀ ରୂପେ ବିବେଚିତ ହୋଇ ଉକ୍ତ ଉନ୍ନତିକୁ ଯଥାଶୀଘ୍ର ନିଜ ସମ୍ମୁଖରେ ପୂର୍ଣ୍ଣ ହେଉଥିବାର ଆମେ ସ୍ୱଚକ୍ଷୁରେ ଅବଲୋକନ କରିପାରିବା ।

......................................

KHULASA KHUTBA JUMA HUZOOR ANWAR a.b.a
5th June 2020

..........................